## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଆଜାଦୀ କା ଅମୃତ ମହୋତ୍ସବ ନେଇ ବାୟୁସେନା ଏୟାର ଶୋ ରିହର୍ସଲ, କୁଆଖାଇ ନଦୀ, ଜରିପାଟଣା, ସକାଳ ୯ଟା ୩୦।
- ଏମ୍ସର ପରିବାର ଚିକିତ୍ସାଳୟ ବିଭାଗ ପକ୍ଷରୁ ପୋଷଣ ମେଳା, ନୟାପଲ୍ଲୀ ସ୍ୱାସ୍ଥ୍ୟ ତାଲିମ କେନ୍ଦ୍ର, ପୂର୍ବାହ୍ନ ୧୧ଟା।
- ରୁଚି ପରିବାର ପକ୍ଷରୁ 'ଟି ଟାଇମ୍', ତାଜ୍ ଭିଭାନ୍ତ, ଡିଏନ୍ ଛକ, କଳିଙ୍ଗ ବିହାର, ପୂର୍ବାହ୍ନ ୧୧ଟା।
- ଏଭର ଗ୍ରୀନ ଫୋରମ ପକ୍ଷରୁ ମଡେଲ ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା ୧୫। ଓଡ଼ିଶା ଟେକ୍ନୋଲୋଜିକାଲ କନକ୍ଲେଭ, ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ନାଟକ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।
- ଆର୍ଟ ଭିଜନ ପକ୍ଷରୁ ୧୮ତମ ସଙ୍ଗମ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

କଟକ
- ଭାଜପା କଟକ ନଗର ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା, ସିଏମ୍ସି କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।

# ୮ ଶିଳ୍ପୀ ପାଇବେ 'ରାଜ୍ୟ ଚାରୁକଳା ପୁରସ୍କାର'

ଭୁବନେଶ୍ୱର,୧୪ା୯(ବ୍ୟୁରୋ)

ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ୨୦୨୨ ମସିହା ପାଇଁ '୪୦ତମ ରାଜ୍ୟ ଚାରୁକଳା ପୁରସ୍କାର' ବୁଧବାର ଘୋଷଣା କରାଯାଇଛି। ୮ଜଣ ଶିଳ୍ପୀ ଏହି ପୁରସ୍କାର ପାଇବେ। ସେମାନେ ହେଲେ ଭାସ୍କର୍ଯ୍ୟରେ ଶିଳ୍ପୀ ପ୍ରତାପ ଚନ୍ଦ୍ର ଜେନା ଓ ଅଶାନ୍ତ ଦାସ, ମୁଦ୍ରଣ କଳାରେ ରବି ନାରାୟଣ ଗୁପ୍ତା ଓ ଟୁକୁନା ଡାକୁଆ, ଚିତ୍ରକଳାରେ ଅମିତ କୁମାର ଓଝା ଓ ସୀତିକାନ୍ତ ସାମନ୍ତସିଂହାର ଏବଂ ପାରମ୍ପରିକ ଚିତ୍ରରେ ରୋନିବାଳା ମହାପାତ୍ର ଓ ନିରଞ୍ଜନ ମୁଖୀ। ଏକ ସ୍ୱତନ୍ତ୍ର ଉତ୍ସବରେ ମନୋନୀତ ଶିଳ୍ପୀମାନଙ୍କୁ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି, ତାମ୍ର ଫଳକ, ପ୍ରମାଣ ପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯିବ। ଏହି ଅବସରରେ ଶିଳ୍ପୀଙ୍କ ଶ୍ରେଷ୍ଠ କଳାକୃତିଗୁଡ଼ିକର ଏକ ରଙ୍ଗିନ ଚିତ୍ରପୁସ୍ତିକା ମଧ୍ୟ ଉନ୍ମୋଚନ କରାଯିବ ବୋଲି ବୁଧବାର ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ୪୦ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ ନିମନ୍ତେ ଓଡ଼ିଶାର ଶିଳ୍ପୀଙ୍କଠାରୁ କଳାକୃତିର ଫଟୋଗ୍ରାଫ୍ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟ ବିଚାରକମଣ୍ଡଳୀଙ୍କ ସୁପାରିସ ଅନୁସାରେ ୧୭୩ଜଣ ଶିଳ୍ପୀଙ୍କ କଳାକୃତିକୁ ଚୂଡାନ୍ତ ପର୍ଯ୍ୟାୟ ପାଇଁ ମନୋନୀତ କରାଯାଇଥିଲା। ପରେ ଦେଶର ବିଶିଷ୍ଟ ଶିଳ୍ପୀଙ୍କୁ ନେଇ ୫ ଜଣିଆ ବିଚାରକ ମଣ୍ଡଳୀ ୮ ଜଣ ଶିଳ୍ପୀଙ୍କୁ ସେମାନଙ୍କର ଶ୍ରେଷ୍ଠ କୃତି ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ ନିମନ୍ତେ ସୁପାରିଶ କରିଥିଲେ। ଉକ୍ତ ଚୂଡାନ୍ତ ତାଲିକା ଏକାଡେମୀର କାର୍ଯ୍ୟକାରୀ ସମିତି ବୈଠକରେ ଅନୁମୋଦନ ପାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଉପସଭାପତି ଶ୍ରୀନିବାସ ପଢିଆରୀ, କାର୍ଯ୍ୟକାରୀ କମିଟି ସଦସ୍ୟ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଗଜେନ୍ଦ୍ର ପ୍ରସାଦ ସାହୁ, ଅକ୍ଷୟ କୁମାର ସାମଲ ଓ ଶ୍ୟାମ ସୁନ୍ଦର ମେହେରଙ୍କ ଉପସ୍ଥିତିରେ ରାଜ୍ୟ ପୁରସ୍କାର ଘୋଷଣା କରାଯାଇଛି। ଏକାଡେମୀର ସଚିବ ପଞ୍ଚାନନ ସାମଲ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ପ୍ରତାପ ଚନ୍ଦ୍ର ଜେନା


ରବି ନାରାୟଣ ଗୁପ୍ତା


ଅମିତ କୁମାର ଓଝା


ଟୁକୁନା ଡାକୁଆ


ଅଶାନ୍ତ ଦାସ


ରୋନିବାଳା ମହାପାତ୍ର


ନିରଞ୍ଜନ ମୁଖୀ


ସୀତିକାନ୍ତ ସାମନ୍ତସିଂହାର


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବୁଧବାର ଭଞ୍ଜକଳା ମଣ୍ଡପରେ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ 'ରଙ୍ଗ ସଙ୍ଗମ'ରେ ସୋନପୁରର ଟ୍ରେଣ୍ଡି ଏକାଡେମୀର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'କୁଆଁରୀ'ର ଏକ ଦୃଶ୍ୟ।

## ବିଦ୍ୟାଳୟ ପାଚେରି ଭାଙ୍ଗିଲା ଦନ୍ତା



ନିରାକାରପୁର,୧୪ା୯(ଡି.ଏନ୍.ଏ.): ଗତ କିଛିଦିନର ବ୍ୟବଧାନ ପରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳରେ ପୁଣି ହାତୀ ଆତଙ୍କ ଦେଖିବାକୁ ମିଳିଛି। ଟାଙ୍ଗୀ ବନାଞ୍ଚଳ ଅଧୀନ କମାଗୁରୁ ପଞ୍ଚାୟତରେ ଥିବା କମାଗୁରୁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବିଳମ୍ବିତ ରାତିରେ ୨ ଦନ୍ତା ହାତୀ ପଶିଯାଇଥିଲେ। ହାତୀ ଦୁଇଟି ସ୍କୁଲ ପାଚେରି ଭାଙ୍ଗି ଭିତରେ ପଶିବା ସହ ପରିସର ମଧ୍ୟରେ ଥିବା ବିଭିନ୍ନ ଗଛ ଭାଙ୍ଗି ଦଳିଚକଟି ନଷ୍ଟ କରିଦେଇଛନ୍ତି। ତେବେ ଏହି ହାତୀ ଦୁଇଟି ଦୀର୍ଘ ଚାରିଦିନ ହେଲା ଉକ୍ତ ଅଞ୍ଚଳରେ ଥିବା ଜଙ୍ଗଲରେ ରହିଥିଲେ। ସନ୍ଧ୍ୟା ହେଲେ ଗାଁମୁହାଁ ହୋଇ କେତେବେଳେ ସ୍କୁଲରେ ପଶୁଛନ୍ତି ତ ଅନ୍ୟ କେତେବେଳେ ଗାଁ ଗଣ୍ଡାରେ ପଶି ଧାନଫସଲ ନଷ୍ଟ କରୁଛନ୍ତି। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳର ଲୋକେ ଏକ ପ୍ରକାର ଭୟଭୀତ ଅବସ୍ଥାରେ ଅଛନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଅଞ୍ଚଳରୁ ହାତୀକୁ ଜଙ୍ଗଲକୁ ନିଅନ୍ତୁ ବୋଲି ସାଧାରଣରେ ଦାବି ହୋଇଛି।

# ଭୁବନେଶ୍ୱରରୁ ପୁଣି ୧୩୫ ଡେଙ୍ଗୁ ରୋଗୀ ଚିହ୍ନଟ

ଭୁବନେଶ୍ୱର, ୧୪ା୯(ବ୍ୟୁରୋ)

### ଖୋର୍ଦ୍ଧା ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨,୦୪୧କୁ ବୃଦ୍ଧି

ରାଜ୍ୟରେ ଏବେ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ବିଶେଷକରି ଖୋର୍ଦ୍ଧା ଜିଲାରେ ଦିନକୁ ଦିନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ସ୍ଥିତି ଜଟିଳ ହେବାରେ ଲାଗିଛି। ଜିଲାରେ ଏବେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୨ହଜାର ପାର୍ କରିଛି। ଗତ ୨୪ ଘଣ୍ଟାରେ ଜିଲାରୁ ଆଉ ୧୩୯ଜଣ ନୂତନ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ କେବଳ ଭୁବନେଶ୍ୱରରୁ ୧୩୫ଜଣ ଓ ଉପକଣ୍ଠରୁ ୪ଜଣ ରହିଛନ୍ତି। ଫଳରେ ଖୋର୍ଦ୍ଧା ଜିଲାରେ ମୋଟ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୨,୦୪୧ରେ ପହଞ୍ଚିଛି ଓ ଭୁବନେଶ୍ୱରରେ ଏହା ୧,୯୨୬କୁ ବୃଦ୍ଧି ପାଇଛି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୧୫ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସିରିଜ୍ ଦୁର୍ଘଟଣା ଘଟାଇ ଓଲଟିଲା ଟାଟା ଏସିଇ

ବାରଙ୍ଗ,୧୪ା୯(ଡି.ଏନ.ଏ.)

ବାରଙ୍ଗ ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଏକ ଟାଟା ଏସିଇ ସିରିଜ୍ ଦୁର୍ଘଟଣା ଘଟାଇବା ପରେ ରାସ୍ତାତଳକୁ ଗାଡ଼ିଟି ଓଲଟି ପଡ଼ିଛି। ସ୍ଥାନୀୟ ଡ୍ରାଇଭରଙ୍କୁ ଉଦ୍ଧାରବେଳେ ସେ ନିଶାସକ୍ତ ଅବସ୍ଥାରେ ଥିବା ଦେଖି ମାଡ଼ମାରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଓଡି୦୫-ଏଏକ୍ସ-୭୪୭୧ନଂ ଟାଟାଏସିଇ ସିଡିଏ ପାର୍ଶ୍ୱରୁ ମୁଣ୍ଡଳୀ ଆଡକୁ ଆସୁଥିଲା। ଚାଳକ ଜଣକ ନିଶାସକ୍ତ ଥିବାରୁ ପ୍ରଥମେ ଲ' ୟୁନିଭର୍ସିଟି ନିକଟରେ କ ବାଇକ୍କୁ ଧକ୍କା ଦେଇଥିଲା। ଏହାପରେ ମୁଣ୍ଡଳୀ ବ୍ୟାରେଜ ଉପରେ ଆଉଏକ ବାଇକ୍କୁ ଧକ୍କାଦେଇଥିଲା। ପରେ ନରାଜ ଗାଁମୁଣ୍ଡରେ ଜଣଙ୍କୁ ଧକ୍କାଦେଇ ପଳାଇଥିଲା। ସ୍ଥାନୀୟ ଯୁବକମାନେ ଏହାଦେଖି ଉକ୍ତ ଗାଡ଼ିକୁ ପିଛା କରିବାରୁ ନରାଜ ଗାଁମୁଣ୍ଡ ଗଙ୍ଗାରାଣି ମନ୍ଦିର ପାଖରେ ଆଉଜଣଙ୍କୁ ଧକ୍କାଦେଇ ମୁଣ୍ଡଳୀ ଆଡକୁ ପଳାଇଥିଲା। ଦ୍ରୁତଗତିରେ ଯାଉଥିବାବେଳେ ଗାଡ଼ିଟି ଭାରସାମ୍ୟ ହରାଇ ହଠାତ୍ ରାସ୍ତାକଡକୁ ଓଲଟି ପଡିଥିଲା। ଗାଡ଼ିଟି ଓଲଟିପଡିବା ପରେ ଚାଳକ ଖସି ଯାଉଥିବାବେଳେ ସ୍ଥାନୀୟ ଯୁବକଙ୍କ ହାତରେ ଧରାପଡି ମାଡ ଖାଇଥିଲା। ଖବରପାଇ ଗୋଡିସାହି ଫାଣ୍ଡି ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଚାଳକ ମିଟୁ ମଲ୍ଲିକକୁ ଉଦ୍ଧାର କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଜ୍ୟୋତି


@ ଅମୃତା


@ ସୁଜିତ୍


@ ଲକ୍ଷ୍ମୀଧର


@ ସୁରେଶ

# କର୍କଟ ପୀଡ଼ିତ ନାବାଳକଙ୍କ ଗୋଡ଼ରୁ ବାହାରିଲା ଟ୍ୟୁମର

### ଓଡ଼ିଶାରେ ବିରଳ ପ୍ରଥମ ଲୋୟର ଲିମ୍ବ ସାଲ୍ଭେଜ ସର୍ଜରି

କଟକ ଅଫିସ,୧୪ା୯

ଏଚ୍ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲର ଡାକ୍ତରୀ ଟିମ୍ ଅସ୍ଥି କର୍କଟରେ ଆକ୍ରାନ୍ତ ଜଣେ ୧୩ବର୍ଷର ନାବାଳକ ଗୋଡ଼ରୁ ସଫଳତାର ସହ ଏକ ଟ୍ୟୁମର ବାହାର କରି ତାକୁ ନୂଆ ଜୀବନ ଦେଇଛନ୍ତି। ନାବାଳକଙ୍କଠାରେ ପ୍ରଥମ ଲୋୟର ଲିମ୍ବ ସାଲ୍ଭେଜ ସର୍ଜରି କରାଯାଇ ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ବିରଳ ସର୍ଜରି କରାଯାଇଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ଡାକ୍ତରମାନେ ଏହି ଅସ୍ତ୍ରୋପଚାର ଜରିଆରେ ପ୍ରଭାବିତ ଅସ୍ଥି ଅଂଶକୁ ବାହାର କରି ସେହି ସ୍ଥାନରେ ପ୍ରୋସ୍ଥେଟିକ୍ସ ଖଞ୍ଜି ଉକ୍ତ ବାଳକଙ୍କ ଅଙ୍ଗକୁ ସୁରକ୍ଷିତ ରଖିବାରେ ସଫଳ ହୋଇପାରିଛନ୍ତି। ଏହି ଅସ୍ତ୍ରୋପଚାର ସର୍ଜିକାଲ ଅଙ୍କୋଲୋଜିଷ୍ଟ ଡା. ଜ୍ୟୋତି ରଞ୍ଜନ ସ୍ୱାଇଁ, ଅର୍ଥୋପେଡିକ ଅଙ୍କୋଲୋଜିଷ୍ଟ ଡା. କ୍ଷିତୀଶ ମହାନ୍ତି ଓ ସେମାନଙ୍କ ଚିକିତ୍ସା ଦଳ ଦ୍ୱାରା ସମ୍ପାଦିତ ହୋଇଛି। ବାଳକ ଜଣକ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ କରାଯିବା ପରେ ତାଙ୍କ ମାତାପିତା ଦୁଃଖରେ ଭାଙ୍ଗିପଡିଥିଲେ। ତେବେ ଏଠାରେ ଡାକ୍ତରୀଦଳଙ୍କ ଠାରୁ ଭରସା ପାଇ ପୁଅକୁ ଚିକିତ୍ସା ନିମନ୍ତେ ରାଜି ହୋଇଥିଲେ। ନାବାଳକ ଜଣକ ଏବେ ସୁସ୍ଥ ଥିବା ଜଣାଯାଇଛି।


ନାବାଳକ ରୋଗୀଙ୍କ ସହ ଡ଼ାକ୍ତରୀ ଟିମ୍।

# ତାଲା ପକାଇ ଧାରଣାରେ ବସିଲେ ଦୃଷ୍ଟିହୀନ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୪ା୯(ବ୍ୟୁରୋ)

### ଅଣ ତାଲିମପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ନିଯୁକ୍ତିକୁ ବିରୋଧ

ଭୀମଭୋଇ ଦୃଷ୍ଟିହୀନ ସ୍କୁଲରେ ନୂଆ ପ୍ରଧାନଶିକ୍ଷୟିତ୍ରୀଙ୍କ ନିଯୁକ୍ତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ସହ କଡ଼ା ବିରୋଧ କରାଯାଇଛି। ଜଣେ ସାଧାରଣ ଶିକ୍ଷୟିତ୍ରୀ (ସ୍ୱତନ୍ତ୍ର ତାଲିମ ନେଇ ନ ଥିବା)ଙ୍କୁ ପ୍ରଧାନଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ଆଣି ଛାତ୍ରୀଛାତ୍ରମାନେ ବୁଧବାର ସ୍କୁଲରେ ଧାରଣା ଦେବା ସହିତ ତାଙ୍କ କାର୍ଯ୍ୟାଳୟକୁ ତାଲା ପକାଇ ଦେଇଛନ୍ତି। ଏହାକୁ ବିଦ୍ୟାଳୟ ପରିଚାଳନା କମିଟି ସମର୍ଥନ ଜଣାଇଛି। ଜଣେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ଏଠାରେ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଦାବି ପୂରଣ ହେବା ଯାଏ ଏପରି ଆନ୍ଦୋଳନ ଜାରି ରହିବ ବୋଲି ପରିଚାଳନା କମିଟି ଚେତାବନୀ ଦେଇଛି। ବିଦ୍ୟାଳୟ ପରିଚାଳନା କମିଟିର ସୂଚନାନୁସାରେ, ଭୀମଭୋଇ ଦୃଷ୍ଟିହୀନ ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ମଧ୍ୟରେ ୮୭ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏହି ବିଦ୍ୟାଳୟରେ ନିଯୁକ୍ତ ଶିକ୍ଷକମାନେ ସ୍ୱତନ୍ତ୍ର ତାଲିମପ୍ରାପ୍ତ। ସ୍କୁଲର ପ୍ରଧାନଶିକ୍ଷକ ଥିବା ଗୌରାଙ୍ଗ ଚନ୍ଦ୍ର ପାତ୍ର ଗତ ଜୁନ୍ ୩୦ରେ ଅବସର ନେଇଥିଲେ। ଏହାପରଠାରୁ କଳାଶ୍ରୀ ଦାସ ପ୍ରଧାନଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ନିକଟରେ ସ୍କୁଲର ନୂତନ ପ୍ରଧାନଶିକ୍ଷୟିତ୍ରୀ ଭାବେ ସ୍ମିତା ବିଶ୍ୱାଳଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ସେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ହୋଇ ନ ଥିବାରୁ ତାଙ୍କ ବଦଳରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ଦେବାକୁ କମିଟି ପକ୍ଷରୁ ଦାବି କରାଯାଇଛି। କମିଟି ସଭାପତି ଜୟଶ୍ରୀ ସାହୁ କହିଛନ୍ତି, ଏ ନେଇ ଜିଲା ଶିକ୍ଷାଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସେ କିଛି ପଦକ୍ଷେପ ନେଲେ ନାହିଁ। ଫଳରେ ବାଧ୍ୟ ହୋଇ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି। ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତ ନ ହେଲେ ଆଗକୁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବୁ ବୋଲି ସେ କହିଛନ୍ତି।




ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ସତ୍ସଙ୍ଗ ପରିକ୍ରମା ଅବସରରେ ବୁଧବାର ସୂଚନାଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ସତ୍ସଙ୍ଗର ବରିଷ୍ଠ କର୍ମୀମାନେ।


ନୃତ୍ୟାଞ୍ଜଳି ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବୁଧବାର ଅନୁଷ୍ଠିତ ଦେବଦାସୀର ୧୭ତମ ବାର୍ଷିକ ଉତ୍ସବରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।



ମଦମୁକ୍ତ ଓଡ଼ିଶା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇ ସାମାଜିକ ଅନୁଷ୍ଠାନ ମା' ଘର ପକ୍ଷରୁ ବୁଧବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି।

